SANYOG

Adoptions centrum

# ଶିଶୁ ଯତ୍ନ ଅନୁଷ୍ଠାନର ପ୍ରମୁଖ କର୍ମକର୍ତ୍ତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ଓ ଦାୟିତ୍ୱାବଳୀ

## କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଆଦର୍ଶ ନିୟମାବଳୀ, ୨୦୧୬ର ପ୍ରାବଧାନ ଅନୁସାରେ

## ଭାରପ୍ରାପ୍ତ ବ୍ୟକ୍ତି

- ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳନା କରିବା ସହ ଶିଶୁମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବା ମୁଖ୍ୟ ଦାୟିତ୍ୱ ହେବ
- ଅନୁଷ୍ଠାନର ପରିସର ମଧ୍ୟରେ ବାସ କରିବା ଯଦ୍ୱାରା ଶିଶୁଗଣ ତଥା କର୍ମଚାରୀବୃନ୍ଦ ଯେତେବେଳେ ତାଙ୍କୁ ଖୋଜିବେ, ସେତେବେଳେ ତାଙ୍କୁ ସହଜରେ ପାଇ ପାରିବେ
- କିଶୋର ନ୍ୟାୟ ଅଧିନିୟମ ତଥା ତଦଧୀନ ପ୍ରଣୀତ ନିୟମାବଳୀ ଏବଂ ଆଦେଶାବଳୀର ଅନୁପାଳନ କରିବା ସହ ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତର ଆଦେଶାବଳୀର ଅନୁପାଳନକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନକୁ ଆସୁଥିବା ଶିଶୁମାନଙ୍କୁ ଗ୍ରହଣ କରିବା ସହିତ ଅନୁଷ୍ଠାନରେ ସେମାନଙ୍କର ପ୍ରବେଶ ସମୟରେ ଆଇନଗତ ପ୍ରକିୟାବଳୀର ପାଳନ କରାଯିବାକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନରେ ଶିଶୁମାନଙ୍କୁ ଘର-ସଦୃଶ ସ୍ନେହ ଓ ଯତ୍ନର ଅନୁକୂଳ ବାତାବରଣ ଯୋଗାଇଦେବା ସହ ସେମାନଙ୍କର ବିକାଶ ଏବଂ କଲ୍ୟାଣ ନିମନ୍ତେ ପ୍ରୟାସ କରିବା
- ଶିଶୁଗଣ ଏବଂ କର୍ମଚାରୀବୃନ୍ଦଙ୍କ ମଧ୍ୟରେ ଅନୁଶାସନ ଏବଂ କଲ୍ୟାଣକୁ ପର୍ଯ୍ୟବେକ୍ଷଣ ଏବଂ ତଦାରଖ କରିବା
- ସମସ୍ତ କାର୍ଯ୍ୟକଳାପ, କାର୍ଯ୍ୟକ୍ରମ ଏବଂ କର୍ମ ସମ୍ପାଦନର ଯୋଜନା ପ୍ରସ୍ତୁତ କରିବା ସହ ସେସବୁର କାର୍ଯ୍ୟାନ୍ୱୟନ ଏବଂ ସମନ୍ୱୟ କରିବା
- ଅନୁଷ୍ଠାନରେ ଦୈନିକ ଦିନଚର୍ଯ୍ୟା, କାର୍ଯ୍ୟକଳାପ ଗୁଡ଼ିକର ଅନୁପାଳନକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନରେ ସ୍ଥାନୀୟ ଏବଂ ରାଷ୍ଟ୍ରୀୟ ଉତ୍ସବଗୁଡ଼ିକର ଆୟୋଜନ କରିବା
- ଶିଶୁମାନଙ୍କ ପାଇଁ ଭ୍ରମଣ, ପର୍ଯ୍ୟଟନ, ବଣଭୋଜିର ଆୟୋଜନ କରିବା
- ପ୍ରତି ସପ୍ତାହରେ ଫର୍ମ ୪୦ ଅନୁସାରେ ଶିଶୁମାନଙ୍କର ତାଲିକା ଯଥାସ୍ଥିତି, କିଶୋର ନ୍ୟାୟ ପରିଷଦ ବା ଶିଶୁ କଲ୍ୟାଣ କମିଟି ନିକଟକୁ ପଠାଇବା
- କିଶୋର ନ୍ୟାୟ ପରିଷଦ ବା ଶିଶୁ କଲ୍ୟାଣ କମିଟି ବା ଶିଶୁ ଅଦାଲତରେ ଶିଶୁକୁ ହାଜିର ହେବା ତାରିଖରେ ତା'କୁ ହାଜର କରାଯିବାକୁ ସୁନିଶ୍ଚିତ କରିବା, ଏବଂ ହାଜିର ହେବା ପାଇଁ ତାରିଖ ମିଳି ନଥିଲେ, ତାହା ପରିଷଦ ବା କମିଟିର ନଜରକୁ ଆଣିବା
- କର୍ମଚାରୀମାନଙ୍କୁ ଦାୟିତ୍ୱ ଆବଣ୍ଟନ କରିବା
- ଅନୁଷ୍ଠାନରେ ଯତ୍ନର ମାନକସମୂହ ଏବଂ ସଫାସୁତୁରା ପରିବେଶକୁ ବଜାୟ ରଖିବା
- ଅନୁଷ୍ଠାନର ଘରବାଡ଼ି ଏବଂ ପରିସରର ରକ୍ଷଣାବେକ୍ଷଣ, ଖାଦ୍ୟ ସାମଗ୍ରୀଗୁଡ଼ିକର ଉପଯୁକ୍ତ ଭଣ୍ଡାରଣ କରିବା ସହ ପରସା ଯାଉଥିବା ଖାଦ୍ୟର ନିରୀକ୍ଷଣ କରିବା
- ଅନୁଷ୍ଠାନରେ ଦୁର୍ଘଟଣା ଓ ଅଗ୍ନି ପ୍ରତିରୋଧକ ବ୍ୟବସ୍ଥା, ବିପର୍ଯ୍ୟୟ ପରିସ୍ଥିତିଗୁଡ଼ିକର ମୁକାବିଲା ନିମନ୍ତେ ବ୍ୟବସ୍ଥା ସହ ପ୍ରାଥମିକ ଚିକିତ୍ସା ସରଞ୍ଜାମ ଉପଲବ୍ଧ କରାଇବା
- ଅନୁଷ୍ଠାନରେ ଉପଯୁକ୍ତ ସୁରକ୍ଷାର ବନ୍ଦୋବସ୍ତ କରିବା
- ଦୈନିକ ଅନ୍ୟୂନ ଦୁଇଥର ଅନୁଷ୍ଠାନର ନିରୀକ୍ଷଣ ଓ ଦୌରା କରିବା ସହ ନିରୀକ୍ଷଣ କରିବାର ସମୟ ଓ ତତ୍ ସଂକ୍ରାନ୍ତୀୟ ନିଜର ମନ୍ତବ୍ୟକୁ ଲିପିବଦ୍ଧ କରିବା
- ଜରୁରୀକାଳୀନ ସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା
- ସମସ୍ତ ରେକର୍ଡ଼, ରେଜିଷ୍ଟର ଏବଂ ମାମଲା ଫାଇଲର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା
- ବଜେଟ ପ୍ରସ୍ତୁତ କରିବା ଏବଂ ବିତ୍ତୀୟ ମାମଲାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବା
- ପରିଚାଳନା କମିଟି ବୈଠକଗୁଡ଼ିକର ଆୟୋଜନ କରିବା ସହ ପରିଚାଳନା କମିଟି ଦ୍ୱାରା ରେକର୍ଡ଼ ଓ ରେଜିଷ୍ଟରଗୁଡ଼ିକର ମାସିକ ସତ୍ୟାପନ କରାଯିବାକୁ ସୁନିଶ୍ଚିତ କରିବା
- ଯେବେ ବି ଆବଶ୍ୟକ ହେବ, ରାଜ୍ୟ ଶିଶୁ ସୁରକ୍ଷା ସମିତି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ସହିତ ସଂପର୍କ, ସମନ୍ୱୟ ଏବଂ ସହଯୋଗ କରିବା
- ପ୍ରତ୍ୟେକ ଶିଶୁର ଆଇନଗତ ପ୍ରତିନିଧିତ୍ୱ କରାଯିବା ସହ ନିଃଶୁଳ୍କ ଆଇନଗତ ସହାୟତା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ଆଇନ-ସହ-ପରିବୀକ୍ଷଣ ଅଧିକାରୀ ଅଥବା ଜିଲ୍ଲା ବା ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖିବା
- ଶୃଙ୍ଖଳାଗତ ମାମଲାଗୁଡ଼ିକୁ ତ୍ୱରିତ, ଦୃଢ଼ ଏବଂ ପର୍ଯ୍ୟାପ୍ତ ଭାବେ ପରିଚାଳନା କରିବା

(ଭାରପ୍ରାପ୍ତ ବ୍ୟକ୍ତିଙ୍କର ନଜରକୁ ଆସୁଥିବା ଯେକୌଣସି ଅନିୟମିତତାର ଯାଞ୍ଚ କରାଯିବ ଏବଂ ତା'ର ସମାଧାନ କରାଯାଇ ସେ ସମ୍ବନ୍ଧରେ ପୁସ୍ତିକାରେ ଲେଖାଯିବ। କୌଣସି ଜରୁରୀ ସମସ୍ୟାର ସମାଧାନ ଦୁଇ ଦିନ ଭିତରେ ହୋଇନପାରିଲେ, ତାହା ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ସୂଚୀତ କରାଯିବ। ଭାରପ୍ରାପ୍ତ ବ୍ୟକ୍ତି ଛୁଟୀରେ ବା ଅନ୍ୟଥା ଉପଲବ୍ଧ ନଥିଲେ, ତାଙ୍କର ଦାୟିତ୍ୱଗୁଡ଼ିକ ତାଙ୍କ ଦ୍ୱାରା ଅଭିହିତ ହୋଇଥିବା ଶିଶୁ କଲ୍ୟାଣ ଅଧିକାରୀ ତୁଲାଇବେ।)

## ଶିଶୁ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀ

- ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତଙ୍କ ପ୍ରଦତ୍ତ ଆଦେଶାବଳୀର ଅନୁପାଳନ କରିବା
- ଶିଶୁମାନଙ୍କର ଥଇଥାନ ଓ ସାମାଜିକ ପୁନର୍ମିଳନକୁ ସୁଗମିତ କରିବା ତଥା ଆବଶ୍ୟକୀୟ ଅନୁବର୍ତ୍ତନ କରିବା ପାଇଁ ସ୍ୱେଚ୍ଛାସବୀ କର୍ମୀଗଣ ଓ ସଂଗଠନଗୁଡ଼ିକ ସହିତ ଯୋଗସୂତ୍ର ସ୍ଥାପନ କରିବା
- ଅନୁଷ୍ଠାନରେ ଶିଶୁ ପ୍ରବେଶ କରିବା ସମୟରେ ଶିଶୁକୁ ଗ୍ରହଣ କରାଯିବାର ପ୍ରକ୍ରିୟାକୁ ତଦାରଖ କରିବା ଏବଂ ତା' ସହ ମୈତ୍ରୀପୂର୍ଣ୍ଣ ଆଚରଣ କରିବା
- ଶିଶୁଟି ଅନୁଷ୍ଠାନକୁ ଆସିଲା ପରେ ତୁରନ୍ତ ଶିଶୁର ସାମାଜିକ ଅନୁସନ୍ଧାନ କରିବା ସହ ଉକ୍ତ ସାମାଜିକ ଅନୁସନ୍ଧାନ ରିପୋର୍ଟକୁ ୧୫ ଦିନ ମଧ୍ୟରେ ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତଙ୍କ ନିକଟରେ ଦାଖଲ କରିବା
- ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସମସ୍ତ ଶିଶୁ କୌଣସି ଶିଶୁ କଲ୍ୟାଣ ଅଧିକାରୀ ବା ମାମଲା କର୍ମୀଙ୍କୁ ନ୍ୟସ୍ତ ହେବେ ଏବଂ ସେହି ଶିଶୁମାନଙ୍କ ସମ୍ପର୍କିତ ସମସ୍ତ ବିଷୟରେ ସେ ଉତ୍ତରଦାୟୀ ରହିବେ। କୌଣସି ଶିଶୁକୁ ନ୍ୟସ୍ତ କରାଯିବା ପରେ –
  - ତା'ର ମାମଲା ଫାଇଲ ପ୍ରସ୍ତୁତ କରିବା
  - ସୁରକ୍ଷାତ୍ମକ ହେପାଜତ କାର୍ଡ଼ର ଅନୁରକ୍ଷଣ କରିବା
  - ଚିକିତ୍ସା ସମ୍ବନ୍ଧୀୟ ରେକର୍ଡ଼ ପ୍ରସ୍ତୁତ ଏବଂ ଅନୁରକ୍ଷଣ କରିବା ସହ ଶିଶୁର ଚିକିତ୍ସା ଯେପରି ବ୍ୟାହତ ବା ଉପେକ୍ଷିତ ନ ହେବ, ତାହା ସୁନିଶ୍ଚିତ କରିବା
  - ଅନୁଷ୍ଠାନର ଚଳଣୀ ସହିତ ଶିଶୁକୁ ଖାପ ଖୁଆଇବାରେ ସହାୟତା କରିବା ସହ ତା'ର ନିରାପତ୍ତା, କଲ୍ୟାଣ ଓ ବିକାଶକୁ ସୁନିଶ୍ଚିତ କରିବା ପାଇଁ ତା'କୁ ପ୍ରତ୍ୟହ ଭେଟିବା; ଅନୁଷ୍ଠାନକୁ ନୂଆ ଭାବେ ଆସିଥିବା ଶିଶୁକୁ ଏକାଧିକ ଥର ଭେଟିବା
  - ଶିଶୁର ଶିକ୍ଷା, ବୃତ୍ତିଗତ ସ୍ଥିତି, ପ୍ରବୃତ୍ତି ଏବଂ ମାନସିକ ସ୍ଥିତିର ନିରୂପଣ କରିବା ପାଇଁ ପ୍ରଥମ ପାଞ୍ଚ ଦିନ ମଧ୍ୟରେ ସୂଚନା ଏକତ୍ରିତ କରିବା
  - ଶିଶୁର ଡ଼ାକ୍ତରୀ ବା ମାନସିକ ସ୍ଥିତିର ଯାଞ୍ଚ, ଆକଳନ ଏବଂ ପରୀକ୍ଷାଗୁଡ଼ିକ ଆବଶ୍ୟକମତେ କରାଇବା
  - ରିପୋର୍ଟଗୁଡ଼ିକ ଅଧ୍ୟୟନ କରିବା ସହ ଫର୍ମ ୭ ଅନୁସାରେ ଶିଶୁ ଓ ତା'ର ପରିବାର ସଦସ୍ୟଗଣଙ୍କ ପରାମର୍ଶରେ ଶିଶୁର ବ୍ୟକ୍ତିଗତ ଯତ୍ନ ଯୋଜନା ପ୍ରସ୍ତୁତ କରିବା
  - ଶିଶୁର ବ୍ୟକ୍ତିଗତ ଯତ୍ନ ଯୋଜନା ଆଧାରରେ ପ୍ରସ୍ତୁତ ହୋଇଥିବା ଦିନଚର୍ଯ୍ୟା ସମ୍ବନ୍ଧରେ ଶିଶୁକୁ ବୁଝାଇ ଦେବା ସହ ତାହାର ଅନୁପାଳନକୁ ସୁନିଶ୍ଚିତ କରିବା
  - ବ୍ୟକ୍ତିଗତ ଯତ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ପ୍ରଭାବଶୀଳତାର ସମୟାନ୍ତରରେ ସମୀକ୍ଷା କରିବା ସହ ଆବଶ୍ୟକ ସ୍ଥଳେ ସେଥିରେ ପରିବର୍ତ୍ତନ କରିବା
  - ଶିଶୁର ସମସ୍ୟାଗୁଡ଼ିକର ସମାଧାନ କରିବା ସହ ତା'ର ଅନୁଷ୍ଠାନରେ ରହଣୀ କାଳରେ ଉପୁଜୁଥିବା ଅସୁବିଧାଗୁଡ଼ିକର ସହାନୁଭୂତିପୂର୍ବକ ବୁଝାବୁଝି କରିବା
  - ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତଙ୍କ କାର୍ଯ୍ୟବିଧିଗୁଡ଼ିକରେ ଉପସ୍ଥିତ ରହିବା ସହ ମଗା ଯାଇଥିବା ସମସ୍ତ ସୂଚନା ଏବଂ ରିପୋର୍ଟଗୁଡ଼ିକୁ ଦାଖଲ କରିବା
  - ଖଲାସ-ପୂର୍ବର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଏବଂ ଶିଶୁକୁ ସଂପର୍କ ସ୍ଥାପନ କରିବାରେ ସହାୟତା କରିବା
  - ଶିଶୁମାନେ ଖଲାସ ହେବାପରେ ସେମାନଙ୍କ ସହ ଯୋଗାଯୋଗ ବଜାୟ ରଖିବା ସହ ସେମାନଙ୍କୁ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରିବା
  - ପର୍ଯ୍ୟବେକ୍ଷଣ ଅଧୀନରେ ସ୍ଥାନିତ ହୋଇଥିବା ଶିଶୁର ବାସଗୃହ ସହିତ କାର୍ଯ୍ୟସ୍ଥଳୀ ବା ବିଦ୍ୟାଳୟର ନିୟମିତ ଭାବେ ପରିଦର୍ଶନ କରିବା ସହ ପାକ୍ଷିକ ବା ଅନ୍ୟଥା ନିର୍ଦ୍ଦେଶିତ ହୋଇଥିବା ମତେ ରିପୋର୍ଟ ଦାଖଲ କରିବା
  - ଯେଉଁଠି ସମ୍ଭବ ହେବ, ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତ ଠାରୁ ଅନୁଷ୍ଠାନ ପର୍ଯ୍ୟନ୍ତ ଶିଶୁ ସହିତ ସହଗମନ କରିବା
  - ଶିଶୁ କଲ୍ୟାଣ କମିଟି ବା କିଶୋର ନ୍ୟାୟ ପରିଷଦ ବା ଶିଶୁ ଅଦାଲତ ଅଥବା ଡ଼ାକ୍ତରୀ ଚିକିତ୍ସାର ପରବର୍ତ୍ତୀ ତାରିଖରେ ଶିଶୁର ହାଜିର ହେବାକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନ ପରିସରରେ ପ୍ରତ୍ୟହ ସକାଳ ଏବଂ ସାନ୍ଧ୍ୟ ସଫେଇ ସରିବା ପରେ ସେସବୁର ଯାଞ୍ଚ କରିବା ସହ ଗୃହ-ବ୍ୟବସ୍ଥା ରେଜିଷ୍ଟରରେ ତାହାର ଉଲ୍ଲେଖ କରିବା
  ପ୍ରତ୍ୟହ ରୋଷେଇ କାର୍ଯ୍ୟର ଯାଞ୍ଚ କରିବା ଓ ଆହାର-ରେଜିଷ୍ଟରରେ ଉଲ୍ଲେଖ କରିବା

## ଶିଶୁ ଯତ୍ନ ଅନୁଷ୍ଠାନରେ କର୍ମକର୍ତ୍ତାମାନଙ୍କର ତାଲିକା

### (ପ୍ରତି ୧୦୦ ଜଣ ଶିଶୁଙ୍କ ପାଇଁ)

| କ୍ର.ସଂ. | କର୍ମକର୍ତ୍ତା | ସଂଖ୍ୟା |
|---|---|---|
| ୧. | ଭାରପ୍ରାପ୍ତ ବ୍ୟକ୍ତି | ୧ |
| ୨. | ପରିବୀକ୍ଷଣ ଅଧିକାରୀ/ଶିଶୁ କଲ୍ୟାଣ ଅଧିକାରୀ/ମାମଲା କର୍ମୀ (ବେସରକାରୀ ସଂଗଠନ)<br>କୌଣସି ଶିଶୁ କଲ୍ୟାଣ ଅଧିକାରୀଙ୍କୁ ଥଇଥାନ-ତଥା-ନିଯୁକ୍ତି ଅଧିକାରୀଭାବେ ପଦନାମିତ କରାଯାଇପାରେ। | ୩ |
| ୩. | ପରାମର୍ଶଦାତା/ମନୋବୈଜ୍ଞାନିକ/ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ | ୨ |
| ୪. | ଗୃହ ମାତା/ଗୃହ ପିତା | ୪ |
| ୫. | ଶିକ୍ଷକ/ଗୃହ ଶିକ୍ଷକ (ଅଂଶ କାଳିକ) | ୨ |
| ୬. | ଚିକିତ୍ସା ଅଧିକାରୀ (ଚିକିତ୍ସକ) - (ଡ଼କା ହେଲେ ଆସିବେ) | ୧ |
| ୭. | ଅର୍ଦ୍ଧ ଚିକିତ୍ସୀୟ କର୍ମଚାରୀ/ଷ୍ଟାଫ୍ ନର୍ସ/ନର୍ସିଂ ଅର୍ଦଳୀ | ୧ |
| ୮. | ଭଣ୍ଡାର ରକ୍ଷକ-ତଥା-ହିସାବ ରକ୍ଷକ | ୧ |
| ୯. | କଳା ଏବଂ ଶିଳ୍ପ ଏବଂ କାର୍ଯ୍ୟକ୍ରମ ଶିକ୍ଷକ (ଅଂଶ କାଳିକ) | ୧ |
| ୧୦. | ଶାରୀରିକ ପ୍ରଶିକ୍ଷଣ ପ୍ରଶିକ୍ଷକ-ତଥା-ଯୋଗ ପ୍ରଶିକ୍ଷକ (ଅଂଶ କାଳିକ) | ୧ |
| ୧୧. | ରୋଷେୟା | ୨ |
| ୧୨. | ସହାୟକ | ୨ |
| ୧୩. | ଗୃହ-ବ୍ୟବସ୍ଥାକାରୀ (ହାଉସ୍ କିପିଙ୍ଗ୍) | ୨ |
| ୧୪. | ଗାଡ଼ି ଚାଳକ | ୧ |
| ୧୫. | ମାଳୀ (ଅଂଶ କାଳିକ) | ୧ |

## ଗୃହ ମାତା ବା ଗୃହ ପିତା

- ଭାରପ୍ରାପ୍ତ ବ୍ୟକ୍ତିଙ୍କର ନିର୍ଦ୍ଦେଶାବଳୀର ପାଳନ କରିବା
- ଶିଶୁମାନଙ୍କ ସହିତ ସ୍ନେହ ଓ ଶ୍ରଦ୍ଧାର ସହିତ ବ୍ୟବହାର କରିବା
- ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବା ଏବଂ ସେମାନଙ୍କର କଲ୍ୟାଣକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନରେ ପ୍ରତ୍ୟେକ ଶିଶୁକୁ ଗ୍ରହଣ କରାଯିବା ପରେ ତା'କୁ ଲୁଗାପଟା, ପ୍ରସାଧନ ସାମଗ୍ରୀ ଏବଂ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବା
- ଶିଶୁମାନଙ୍କ ମଧ୍ୟରେ ଅନୁଶାସନକୁ ବଜାୟ ରଖିବା
- ଶିଶୁମାନେ ଯେପରି ବ୍ୟକ୍ତିଗତ ଭାବେ ପରିଷ୍କାର ରହିବେ ଏବଂ ସ୍ୱଚ୍ଛତା ବଜାୟ ରଖିବେ, ତାହା ସୁନିଶ୍ଚିତ କରିବା
- ଅନୁଷ୍ଠାନର ରକ୍ଷଣାବେକ୍ଷଣ, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ସହ ସ୍ୱାସ୍ଥ୍ୟକର ପରିବେଶକୁ ବଜାୟ ରଖିବା
- ପ୍ରତ୍ୟେକ ଶିଶୁର ଦୈନିକ ଦିନଚର୍ଯ୍ୟାକୁ ଫଳପ୍ରଦ ରୀତିରେ କାର୍ଯ୍ୟାନ୍ୱିତ କରିବା ଏବଂ ସେଥିରେ ଶିଶୁମାନଙ୍କର ସହଭାଗିତାକୁ ସୁନିଶ୍ଚିତ କରିବା
- ଅନୁଷ୍ଠାନରେ ସୁରକ୍ଷା ଏବଂ ନିରାପତ୍ତା ବ୍ୟବସ୍ଥାଗୁଡ଼ିକ ପ୍ରତି ଧ୍ୟାନ ଦେବା
- କିଶୋର ନ୍ୟାୟ ପରିଷଦ, ଶିଶୁ କଲ୍ୟାଣ କମିଟି ବା ଶିଶୁ ଅଦାଲତରେ ହାଜିର ହେବା ବ୍ୟତୀତ ଅନୁଷ୍ଠାନ ବାହାରକୁ ଶିଶୁମାନେ ଯିବା ବେଳେ ସେମାନଙ୍କର ମାର୍ଗରକ୍ଷଣ କରିବା
- ଭାରପ୍ରାପ୍ତ ବ୍ୟକ୍ତିଙ୍କୁ ରିପୋର୍ଟ କରିବା ତଥା ଶିଶୁ କଲ୍ୟାଣ ଅଧିକାରୀଙ୍କୁ ନ୍ୟସ୍ତ ହୋଇଥିବା ଶିଶୁ ସମ୍ବନ୍ଧରେ ତାଙ୍କୁ ସୂଚୀତ କରିବା
  ନିଜର କାର୍ଯ୍ୟ ସମ୍ବନ୍ଧିତ ରେଜିଷ୍ଟରଗୁଡ଼ିକର ଅନୁରକ୍ଷଣ କରିବା

ପ୍ରକାଶକ : ସଂଯୋଗ
ମହତାବ ନଗର, ତୁଳସୀପୁର, କଟକ – ୭୫୩ ୦୦୮
ଫୋନ୍ : (୦୬୭୧) ୨୩୬୨୭୭୦

## ପରିବୀକ୍ଷଣ ଅଧିକାରୀ

- ପୋଲିସ୍ ବା ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀଙ୍କ ଠାରୁ ସୂଚନା ପ୍ରାପ୍ତ ହେବା ପରେ ଶିଶୁର ପରିସ୍ଥିତିସମୂହର ତଦନ୍ତ କରି କିଶୋର ନ୍ୟାୟ ପରିଷଦକୁ ସାମାଜିକ ଅନୁସନ୍ଧାନ ରିପୋର୍ଟ (ଫର୍ମ ୬ ଅନୁସାରେ) ଦାଖଲ କରିବା
- କିଶୋର ନ୍ୟାୟ ପରିଷଦ ଦ୍ୱାରା ଦିଆ ଯାଇଥିବା ନିର୍ଦ୍ଦେଶାବଳୀର ପାଳନ କରିବା
- କିଶୋର ନ୍ୟାୟ ପରିଷଦ ଏବଂ ଶିଶୁ ଅଦାଲତର କାର୍ଯ୍ୟବିଧିଗୁଡ଼ିକରେ ଉପସ୍ଥିତ ରହିବା ଏବଂ ଯେତେବେଳେ ବି ଆବଶ୍ୟକ ହେବ, ରିପୋର୍ଟଗୁଡ଼ିକୁ ଦାଖଲ କରିବା
- ଶିଶୁମାନଙ୍କ ସମସ୍ୟାଗୁଡ଼ିକୁ ସ୍ପଷ୍ଟ କରିବା ସହ ସଂସ୍ଥାଗତ ଚଳଣୀ ମଧ୍ୟରେ ଉପୁଜୁଥିବା ସେମାନଙ୍କର ଅସୁବିଧାଗୁଡ଼ିକର ସମାଧାନ କରିବା
- ଶିଶୁକୁ ତା'ର ପରିବାର ସହିତ ସଂପର୍କ ସ୍ଥାପନ କରିବାରେ ସହାୟତା ତଥା ପରିବାର ସଦସ୍ୟଗଣଙ୍କୁ ମଧ୍ୟ ସହାୟତା ପ୍ରଦାନ କରିବା
- ଖଲାସ-ହେବା-ପୂର୍ବର କାର୍ଯ୍ୟକ୍ରମଗୁଡ଼ିକରେ ଅଂଶଗ୍ରହଣ କରିବା ସହ ଖଲାସ ହେବା ପରେ ଶିଶୁକୁ ଆବେଗିକ ଓ ସାମାଜିକ ସମର୍ଥନ ଦେଇପାରୁଥିବା ସଂପର୍କମାନ ସ୍ଥାପନ କରିବାରେ ତା'ର ସହାୟତା କରିବା
- ସାମାଜିକ ଅନୁସନ୍ଧାନ ରିପୋର୍ଟ ହାସଲ କରିବା, ପର୍ଯ୍ୟବେକ୍ଷଣ ଏବଂ ଅନୁବର୍ତ୍ତନ ନିମନ୍ତେ ଅନ୍ୟ ଜିଲ୍ଲା ଏବଂ ରାଜ୍ୟଗୁଡ଼ିକର ପରିବୀକ୍ଷଣ ଅଧିକାରୀମାନଙ୍କ ସହ ସଂପର୍କ ସ୍ଥାପନ କରିବା
- ଶିଶୁମାନଙ୍କର ଥଇଥାନ ଏବଂ ସାମାଜିକ ପୁନର୍ମିଳନକୁ ସୁଗମିତ କରିବା ସହିତ ଆବଶ୍ୟକୀୟ ଅନୁବର୍ତ୍ତନ ପାଇଁ ସ୍ୱେଚ୍ଛାସେବୀ କର୍ମୀଗଣ ଏବଂ ସଂଗଠନଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିବା
- ଶିଶୁ ଖଲାସ ହେବା ପରେ ନିୟମିତ ଭାବେ ଅନୁବର୍ତ୍ତୀ କାର୍ଯ୍ୟବିଧି, ଶିଶୁର ସହାୟତା ଏବଂ ମାର୍ଗ ଦର୍ଶନ କରିବା ତଥା ସମାଜର ମୁଖ୍ୟ ଧାରାରେ ତା'ର ପ୍ରତ୍ୟାବର୍ତ୍ତନକୁ ସମର୍ଥ ଏବଂ ସୁଗମିତ କରିବା
- ଶିଶୁର ବ୍ୟକ୍ତିଗତ ଯତ୍ନ ଯୋଜନା ତଥା ଖଲାସ-ହେବା-ପଶ୍ଚାତ୍ ଯୋଜନା ପ୍ରସ୍ତୁତ କରିବା
- ପରିବୀକ୍ଷାରେ ରଖାଯାଇଥିବା ଶିଶୁମାନଙ୍କୁ ସେମାନଙ୍କର ବ୍ୟକ୍ତିଗତ ଯତ୍ନ ଯୋଜନା ଅନୁସାରେ ପର୍ଯ୍ୟବେକ୍ଷଣ କରିବା
- ନିଜର ପର୍ଯ୍ୟପେକ୍ଷଣରେ ସ୍ଥାନିତ ହୋଇଥିବା ଶିଶୁର ବାସଗୃହ ସହିତ କାର୍ଯ୍ୟସ୍ଥଳୀ ବା ବିଦ୍ୟାଳୟର ନିୟମିତ ଭାବେ ପରିଦର୍ଶନ କରିବା ସହିତ ଫର୍ମ ୧୦ ଅନୁଯାୟୀ ସମୟାନ୍ତରରେ ରିପୋର୍ଟ ଦାଖଲ କରିବା
- ଯେଉଁଠି ବି ସମ୍ଭବ ହେବ, କିଶୋର ନ୍ୟାୟ ପରିଷଦର କାର୍ଯ୍ୟାଳୟଠାରୁ ଅନୁଷ୍ଠାନ ପର୍ଯ୍ୟନ୍ତ ଶିଶୁ ସହିତ ସହଗମନ କରିବା
- ନିରାପତ୍ତା ସ୍ଥାନରେ ରହୁଥିବା ଶିଶୁମାନଙ୍କ ପ୍ରଗତିର ମୂଲ୍ୟାଙ୍କନ କରିବା ଏବଂ ମନସ୍ତାତ୍ତ୍ୱିକ ରିପୋର୍ଟ ସମେତ ଅନ୍ୟ ରିପୋର୍ଟ ପ୍ରସ୍ତୁତ କରି ଶିଶୁ ଅଦାଲତଙ୍କ ନିକଟକୁ ପଠାଇବା
- ପରିବୀକ୍ଷଣ ଅଧିକାରୀ ଯେଉଁଠାରେ ଶିଶୁ ଅଦାଲତଙ୍କ ଦ୍ୱାରା ଜଣେ ତଦାରଖ କର୍ତ୍ତୃପକ୍ଷ ଭାବେ ନିଯୁକ୍ତ ହୋଇଥିବେ, ସେଠାରେ ସେହି ଭାବେ କାର୍ଯ୍ୟାବଳୀର ନିର୍ବାହନ କରିବା
- ନିଜର ଦୈନିକ କାର୍ଯ୍ୟାକଳାପକୁ ଏକ ଡ଼ାଏରୀ ବା ରେଜିଷ୍ଟରରେ ଲିପିବଦ୍ଧ କରିବା
- ଗୋଷ୍ଠୀ ସେବାଗୁଡ଼ିକର ବିକଳ୍ପଗୁଡିକୁ ଚିହ୍ନଟ, ଶିଶୁମାନଙ୍କ ଥଇଥାନ ଓ ସାମାଜିକ ପୁନର୍ମିଳନକୁ ସୁଗମିତ କରିବା ପାଇଁ ସ୍ୱେଚ୍ଛାସେବୀ ସେକ୍ଟରଙ୍କ ସହ ସମ୍ପର୍କ ସ୍ଥାପନ କରିବା

## ଥଇଥାନ-ତଥା-ନିଯୁକ୍ତି ଅଧିକାରୀ

- ଉପଯୁକ୍ତ ବ୍ୟବସ୍ଥା ମାଧ୍ୟମରେ ଏବଂ ଶିଶୁ କଲ୍ୟାଣ ଅଧିକାରୀ, ମାମଲା କର୍ମୀ, ପରାମର୍ଶଦାତା ଓ ଧନ୍ଦାମୂଳକ ପ୍ରଶିକ୍ଷକଙ୍କ ସହିତ ପରାମର୍ଶରେ ଶିଶୁମାନଙ୍କର କୌଶଳ ଏବଂ ପ୍ରବୃତ୍ତିଗୁଡ଼ିକୁ ଚିହ୍ନଟ କରିବା
- ଧନ୍ଦାମୂଳକ ପାଠ୍ୟକ୍ରମ ସହିତ ପ୍ରଶିକ୍ଷଣ ସମାପ୍ତ ହେବା ପରେ କର୍ମ ନିଯୁକ୍ତି ଯୋଗାଉଥିବା ସଂସ୍ଥାଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବା
- ଅନୁଷ୍ଠାନରେ ଶିଶୁମାନଙ୍କ ବୟସ, ପ୍ରବୃତ୍ତି, ରୁଚି ଏବଂ ସାମର୍ଥ୍ୟ ଅନୁସାରେ ଧନ୍ଦାମୂଳକ ପ୍ରଶିକ୍ଷଣ ୟୁନିଟ୍ ବା କର୍ମଶାଳା ସ୍ଥାପନକୁ ସୁଗମିତ କରିବା ନିମନ୍ତେ ବିଭିନ୍ନ ସଂସ୍ଥା, ବ୍ୟକ୍ତି ବିଶେଷ, କର୍ପୋରେଟ୍, ମାନ୍ୟତାପ୍ରାପ୍ତ ବେସରକାରୀ ସଂଗଠନ ଓ ପାଣ୍ଠି ଯୋଗାଉଥିବା ଅନ୍ୟ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରଖିବା ସହିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରାୟୋଜିତ କରିବା ପାଇଁ ସମ୍ବଳ ତଥା ଆତ୍ମ ନିଯୁକ୍ତି ପାଇଁ ସହାୟତା ଆଦି ଜୁଟାଇବା ଉଦ୍ଦେଶ୍ୟରେ ସେମାନଙ୍କ ସହିତ ନେଟ୍‌ୱର୍କ ସ୍ଥାପନ କରିବା
- ଅନୁଷ୍ଠାନରେ ପ୍ରଶିକ୍ଷଣ ସତ୍ରଗୁଡ଼ିକର ଆୟୋଜନ କରିବା ନିମନ୍ତେ ସ୍ୱେଚ୍ଛାକୃତ ସେବା ପ୍ରଦାନ କରୁଥିବା ଧନ୍ଦାମୂଳକ ପ୍ରଶିକ୍ଷକମାନଙ୍କୁ ସଂଘଟିତ ଏବଂ କାର୍ଯ୍ୟପ୍ରବୃତ୍ତ କରାଇବା
- ଆତ୍ମ ନିଯୁକ୍ତି ପାଇଁ ଉଦ୍ୟୋଗୀକରଣ କୌଶଳଗୁଡ଼ିକୁ ଅନ୍ତର୍ନିବିଷ୍ଟ କରିବା ସହିତ ଆର୍ଥିକ ଓ ବ୍ୟାପାର ନିମିତ୍ତ ସହାୟତାକୁ ସୁଗମିତ କରିବା
- ଶିଶୁର ଅପରାଧର ପ୍ରକାର ଏବଂ ନିଜସ୍ୱ ବିଶେଷତାଗୁଡ଼ିକୁ ଧ୍ୟାନରେ ରଖି ଥଇଥାନ ଯୋଜନାଗୁଡ଼ିକ ପ୍ରସ୍ତୁତ କରିବା
- ଥଇଥାନ କାର୍ଡର ଅନୁରକ୍ଷଣ କରିବା ତଥା ଶିଶୁର ପ୍ରଗତିକୁ ନିୟମିତ ଭାବେ ତଦାରଖ କରି ସେ ସମ୍ବନ୍ଧରେ ପରିଚାଳନା ସମିତି ନିକଟରେ ରିପୋର୍ଟ ଦାଖଲ କରିବା
- ଶିଶୁର ଶିକ୍ଷା ବା ଧନ୍ଦାମୂଳକ ପ୍ରଶିକ୍ଷଣ ପାଠ୍ୟକ୍ରମ ସମାପ୍ତ ହେବା ପରେ ତତ୍ ସମ୍ବନ୍ଧୀୟ ପ୍ରମାଣପତ୍ର ହାସଲ କରିବାକୁ ସୁଗମିତ କରିବା
- ପ୍ରତ୍ୟେକ ଯୋଗ୍ୟ ଏବଂ ତାଲିମ୍‌ପ୍ରାପ୍ତ ଶିଶୁର ଫଳପ୍ରଦ ନିଯୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରିବା
- କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଉପଲବ୍ଧ ଥିବା ବିଭିନ୍ନ ଥଇଥାନ ଯୋଜନା ଏବଂ ସେବାସମୂହକୁ ହାସଲ କରିବା ଏବଂ ସେ ସମ୍ବନ୍ଧରେ ସଚେତନତା କର୍ମଶାଳାମାନ ଆୟୋଜନ କରିବା
- ଶିଶୁକୁ ଉପଯୋଗୀ ଏବଂ ଦାୟିତ୍ୱବାନ ନାଗରିକ ହେବାପାଇଁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବ୍ୟକ୍ତିତ୍ୱ ବିକାଶ, ଜୀବନ କୌଶଳ ବିକାଶ, ମାନସିକ ଚାପର ସାମନା ଏବଂ ଅନ୍ୟ ବ୍ୟବହାରିକ କୌଶଳ ଆଦି ଉପରେ କର୍ମଶାଳାମାନ ଆୟୋଜନ କରିବା
- ଶିଶୁମାନଙ୍କର ପ୍ରଗତିକୁ ତଦାରଖ କରିବା ତଥା ଅନ୍ୟ କୌଣସି ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ସଂସ୍ଥାଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା
- ପରିଷଦ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶାବଳୀର ପାଳନ କରିବା